# ପିଲାଙ୍କ ଧରିତ୍ରୀ



ପ୍ରିୟ କାର୍ଟୁନ୍



ଜଣା ଅଜଣା




ଶିଶୁ ପ୍ରତିଭା

ପେପର କ୍ରାଫ୍ଟ





ପ୍ରଚ୍ଛଦ

# କଳି ତୁଟେଇଲା ସରିତା



## ଗପ

ହରିପୁର ଓ ନରିପୁର ପାଖାପାଖି ଦୁଇଟି ଗାଁ। ଥରେ ଦୁଇ ଗାଁ ଭିତରେ କୌଣସି ଏକ କାରଣରୁ ବିବାଦ ଲାଗିଲା। ଦୁଇ ଗାଁ ନିମନ୍ତେ ଗୋଟିଏ ସ୍କୁଲ ଥିଲା। ସେହି ସ୍କୁଲଟି ହରିପୁର ଗାଁର ସୀମା ଭିତରେ ଥିବାରୁ ନରିପୁର ଗାଁର ପିଲାମାନେ କେହି ବି ସ୍କୁଲକୁ ଗଲେନାହିଁ।

ସରିତା ହରିପୁର ଗାଁର ଝିଅଟିଏ। ସେ ବି ସେହି ସ୍କୁଲରେ ପଢ଼େ। ତା'ର ପ୍ରିୟ ସାଙ୍ଗ ଲଳିତା। ତା'ର ଘର ନରିପୁର ଗାଁରେ। ଲଳିତା ସ୍କୁଲକୁ ଆସୁ ନ ଥିବା ଦେଖି ତା'ର ମନଦୁଃଖ ହେଲା। ସେ ବି ସ୍କୁଲକୁ ଗଲାନାହିଁ। ତା' କଥାରେ ତାଙ୍କ ଗାଁର ଅନ୍ୟ ପିଲାମାନେ ବି ସ୍କୁଲକୁ ଗଲେ ନାହିଁ। ଶିକ୍ଷକ ବ୍ୟସ୍ତ ହୋଇ ଗାଁ ଲୋକଙ୍କ ପାଖକୁ ଗଲେ। ସେଠି ସରିତା ପାଖରୁ ସବୁ ଶୁଣିଲେ। ଏହାପରେ ଶିକ୍ଷକ ଉଭୟ ଗାଁର ମୁଖିଆଙ୍କୁ ଡାକି ଜଣାଇଲେ ଓ ଦୁଇଗାଁର ଲୋକଙ୍କୁ ନେଇ ଏକ ବୈଠକ କରାଇଲେ। ସେହି ବୈଠକରେ ସରିତା ଛିଡାହୋଇ କହିଲା– ଉଭୟ ଗାଁ ଲୋକେ ଆଜି କଳି କରୁଛନ୍ତି, କାଲି ମିଶିଯାଇପାରିବେ। କିନ୍ତୁ ଆମେମାନେ ସମସ୍ତେ ପାଠ ନ ପଢ଼ିଲେ ଆମର ଭବିଷ୍ୟତ କ'ଣ ହେବ ? କାହା ପାଇଁ ଲୋକମାନେ କଳି କରୁଛନ୍ତି ? ଛୋଟ ଝିଅଟିର ଯୁକ୍ତି ଆଗରେ ଉପସ୍ଥିତ ସବୁ ଗାଁ ଲୋକଙ୍କର ମୁଣ୍ଡ ନଇଁଗଲା। ସେମାନେ ନିଜର ଭୁଲ୍ ବୁଝିପାରି ତୁରନ୍ତ କଳି ତୁଟାଇବାକୁ ସେହି ଠାରେ ନିଷ୍ପତ୍ତି ନେଲେ। ତା' ପରଦିନ ଠାରୁ ପିଲାମାନଙ୍କୁ ସ୍କୁଲକୁ ପଠାଇବେ ବୋଲି କହିଲେ। ସରିତାର ବୁଦ୍ଧି ପାଇଁ ଦୁଇ ଗାଁ ମଧ୍ୟରେ ପୁଣି ଥରେ ବନ୍ଧୁତା ସୃଷ୍ଟି ହେଲା ଓ ପିଲାମାନେ ପାଠ ପଢ଼ିବାକୁ ଯାଇପାରିଲେ। ଏଥିପାଇଁ ଉଭୟ ଗାଁ ଲୋକ ଓ ଶିକ୍ଷକଙ୍କ ବ୍ୟତୀତ ଅନ୍ୟ ଗାଁର ଲୋକମାନେ ବି ସରିତାକୁ ପ୍ରଶଂସା କଲେ।

**– ରମେଶ ଚନ୍ଦ୍ର ଦାଶ**
ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ
ମୋ: ୯୭୭୬୨୩୮୫୨୨

## ଖିଲି ଖିଲି ହସ

ଶିକ୍ଷକ: ତୁମେ ପାଠପଢ଼ାରେ ବହୁତ ଦୁର୍ବଳ। ମୁଁ ତୁମ ବୟସରେ ଗଣିତରେ ଜଟିଳରୁ ଜଟିଳ ପ୍ରଶ୍ନର ଉତ୍ତର ଖୁବ୍ ସହଜରେ ଦେଉଥିଲି।
ଚିଣ୍ଟୁ: ଆପଣଙ୍କୁ ଭଲ ଟିଚର ମିଳି ଯାଇଥିବେ ସାର୍ !


ଶିକ୍ଷକ: ତୁମେ କେବେ କିଛି ଭଲ କାମ କରିଛ ?
ଛାତ୍ର : ଆଜ୍ଞା ସାର୍ , କାଲି ଜଣେ ବୟସ୍କ ବ୍ୟକ୍ତି ଧୀରେ ଧୀରେ ଚାଲି ଯାଉଥିଲେ, ମୁଁ ତାଙ୍କ ପଛରେ କୁକୁର ଲଗାଇ ଦେଇଥିଲି।

ଜଣେ ରିଟାୟର୍ଡ ଫଉଜି ଗୋଟିଏ ମଇଁଷି କିଣିଲେ। ଫଉଜି ପ୍ରତିଦିନ ଯେତେବେଳେ ମଇଁଷିକୁ ଖୋଲନ୍ତି, ସେତେବେଳେ ତାଙ୍କ ହାତରୁ ସବୁବେଳେ ଖସି ପଳାଏ। ଥରେ ଫଉଜି ରାଗିକି ମଇଁଷିକୁ ମାରିବାକୁ ଲାଗିଲେ। ଏହା ଦେଖି ଫଉଜିର ବୋହୂ କହିଲେ, ବାପା ଆକୁ ମାରନ୍ତୁନି ନ ହେଲେ ସେ ଆଉ କ୍ଷୀର ଦେବନି।
ଫଉଜି ଉତ୍ତରରେ କହିଲେ– ମୋତେ କ୍ଷୀର ଦରକାର ନାହିଁ, ଡିସିପ୍ଲିନ୍ ଦରକାର।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ବୈଜ୍ଞାନିକମାନଙ୍କ ଜୀବନର ଅଜଣା କଥା

### ତୁମ ପଢ଼ିବା ପାଇଁ




**ବୈଜ୍ଞାନିକମାନଙ୍କ** ଜୀବନରେ ଘଟିଥିବା ଅନେକ ମଜାଳିଆ ଓ ରୋମାଞ୍ଚକର ତଥ୍ୟକୁ ନେଇ ପ୍ରକାଶ ପାଇଛି ବୈଜ୍ଞାନିକମାନଙ୍କ ଜୀବନର ଅଜଣା କଥା। ଇଂ ମାୟାଧର ସ୍ୱାଇଁଙ୍କ ଦ୍ୱାରା ରଚିତ ଏହି ପୁସ୍ତକରେ କେତେକ ବୈଜ୍ଞାନିକଙ୍କ ଜୀବନୀ ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନା କରାଯାଇଛି। ବୈଜ୍ଞାନିକମାନେ ଗବେଷଣା ପରେ ଅନ୍ୟ ସମୟ କିପରି ବିତାନ୍ତି ସେ ସମ୍ପର୍କରେ ଅନେକ ଉପାଦେୟ ତଥ୍ୟ ପିଲାଙ୍କ ପାଇଁ ଏଥିରେ ରହିଛି।

**ଯୋଗାଯୋଗ–**
**କୋଣାର୍କ ପବ୍ଲିଶର୍ସ, କଟକ।**

## ମତାମତ

❖ ଅମାନିଆ ପିଲା ପାଠଟି ଶିକ୍ଷଣୀୟ ହୋଇଥିଲା।

**–ରାହୁଲ ସ୍ୱାଇଁ, ରାଜକନିକା, କେନ୍ଦ୍ରାପଡ଼ା**

❖ ସାଇବର ଭୂତ ଗଳ୍ପଟିରୁ କେତେକ କଥା ଜାଣିବାକୁ ପାଇଲି। କ୍ଷୀର ସଙ୍ଗେ କ'ଣ ଖାଇବେନି ସେ ବିଷୟରେ ମଧ୍ୟ ଜାଣିହେଲା।

**–ମମତା ମେହେର, ସମ୍ବଲପୁର**

❖ ଜଣାଅଜଣାରେ ପ୍ରକାଶିତ ହୋଇଥିବା ଶାକାହାରୀ ସହର, ପାଞ୍ଚବର୍ଷରେ ଆତ୍ମନିର୍ଭରଶୀଳ ଏବଂ ଯେଉଁଠି ରବିବାର କାମ କରିବା ଅପରାଧ ବିଷୟଟି ପଢ଼ି ସେ ସମ୍ପର୍କରେ କିଛି ତଥ୍ୟ ଜାଣିପାରିଲି।

**– ରୋହନ ମଲ୍ଲିକ, ନୟାଗଡ଼**

## ରଙ୍ଗ ଦିଅ



## ଗତ ଥରର ରଙ୍ଗ ଦିଅ





ଅର୍ପିତା ପ୍ରିୟଦର୍ଶିନୀ ମହାନ୍ତି
କ୍ଲାସ– ୨, ଅର୍କିଡ ପବ୍ଲିକ ସ୍କୁଲ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

## ସୂଚନା

ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

ପିଲାଙ୍କର ପରୀକ୍ଷା ଏବେ ପ୍ରାୟତଃ ସରିଯାଇଛି। ହେଲେ ଏବେ ବି ମନରେ ରହିଛି କିଛିଟା ଚାପା କାହିଁକିନା ପରୀକ୍ଷା ରେଜଲ୍ଟ କ'ଣ ହେବ, କେତେ ମାର୍କ ଆସିବ ଏମିତି ସବୁ କଥାକୁ ନେଇ ପିଲାଙ୍କ ମନରେ ଅନେକ ଦ୍ୱନ୍ଦ୍ୱ।





# ପରୀକ୍ଷା ପରେ...

ପରୀକ୍ଷା ସରିବା ପରେ ରେଜଲ୍ଟକୁ ନେଇ ଆରମ୍ଭ ହୋଇଯାଏ ଅଙ୍କକଷା। କେଉଁ ବିଷୟରେ କେତେ ମାର୍କ ରହିବ ସେ ନେଇ ସମୀକ୍ଷା ବି କରନ୍ତି ପିଲାମାନେ। ଆଉ ମାର୍କ କମ୍ ରହିଲେ ଅଭିଭାବକଙ୍କର ପ୍ରତିକ୍ରିୟା କ'ଣ ହେବ ଭାବି ଚାପଗ୍ରସ୍ତ ରହନ୍ତି ଅନେକେ। ହେଲେ ରେଜଲ୍ଟକୁ ନେଇ ସବୁବେଳେ ସକାରାତ୍ମକ ଚିନ୍ତା କରିବା ଦରକାର। କାରଣ ରେଜଲ୍ଟ ପ୍ରକାଶ ପାଇବା ପରେ ପିଲାମାନେ ନିଜ ଦୁର୍ବଳତା ସମ୍ପର୍କରେ ଜାଣିପାରିବେ। ସେହି ଅନୁସାରେ ପୁଣିଥରେ ପ୍ରସ୍ତୁତି ଆରମ୍ଭ କରିପାରିବେ। ତେବେ ଏସବୁକୁ ନେଇ କିଏ କ'ଣ ଭାବିଛନ୍ତି ସେସମ୍ପର୍କରେ କେତେକଙ୍କ ମତ...

## ଏମାନେ କ'ଣ କରନ୍ତି

### ଅଧିକ ପରିଶ୍ରମ କରିବି

ରେଜଲ୍ଟକୁ ନେଇ ମନରେ ଟିକେ ଚିନ୍ତା ଥାଏ, ହେଲେ ସେମିତି ଏତେ ଅଧିକ ବ୍ୟସ୍ତ ହୁଏନି। କାହିଁକିନା ପରିଶ୍ରମ ଅନୁସାରେ ମତେ ଫଳ ମିଳିବ ବୋଲି ଜାଣିଛି। ଇଂଲିଶ ଟିକେ ଭଲ ହୁଏନି। ସେଥିପାଇଁ ଅଧିକ ପରିଶ୍ରମ କରିଥିଲି ଓ ଏଥର ପରୀକ୍ଷାରେ ଭଲ ବି କରିଛି। ତେଣୁ ସବୁଥିରେ ମୋର ଭଲ ମାର୍କ ରହିବ। ଯଦି କେଉଁଥିରେ କମ୍ ରହିବ ସେଥିପାଇଁ ଅଧିକ ପରିଶ୍ରମ କରିବି। ତେବେ ମାର୍କ କମ୍ ଆସିଲେ ମାମା ଟିକେ ମନ ଦୁଃଖ କରେ କିନ୍ତୁ ଆଗକୁ ଅଧିକ ପରିଶ୍ରମ କରିବାକୁ କହେ। ହେଲେ ମତେ ଗାଳି ଦିଏନି। ବାବା ବି ସେଇ ସମାନ କଥା କହନ୍ତି।



**– ରଶ୍ମିମାନ ଦେଓ**

କ୍ଲାସ୍- ୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶର୍ଙ୍ଗଚିଲ, ଯାଜପୁର

### ସଚେତନ ହେବି

ପରୀକ୍ଷାଫଳକୁ ନେଇ ଘରେ ମତେ କେହି ସେମିତି ଗାଳି ଦିଅନ୍ତି ନାହିଁ। ହେଲେ କମ୍ ମାର୍କ ଆସିଲେ ମତେ ନିଜକୁ ଖରାପ ଲାଗିବ। ଏଥର ମୋର ସବୁ ବିଷୟ ଭଲ ହେଇଚି। କିନ୍ତୁ ଗଣିତରେ ୪ ମାର୍କ ପ୍ରଶ୍ନ ଛାଡି ଦେଇଥିଲି। ତେଣୁ ମାର୍କ ଟିକେ କମିଯିବ, କିନ୍ତୁ ସେଥିପାଇଁ ମୋ ମନ ଦୁଃଖ ନାହିଁ। ମତେ ସେ ପ୍ରଶ୍ନର ଉତ୍ତର ଆସୁଥିଲା କିନ୍ତୁ ଟାଇମ୍ ହୋଇ ନ ଥିଲା ବୋଲି ଛାଡି ଦେଇଥିଲି। ତେଣୁ ମତେ ଏବେ ଶୀଘ୍ର ଲେଖିବା ଅଭ୍ୟାସ କରିବାକୁ ହେବ ବୋଲି ଜାଣି ସାରିଛି। ମାର୍କ ଯାହା ଆସିବ ଦେଖିବା ପରେ ଆଉଟିକେ ଅଧିକ ସଚେତନ ହେବି। କେଉଁ ବିଷୟକୁ ନେଇ ମତେ ବେଶି ପରିଶ୍ରମ କରିବାକୁ ହେବ ଜାଣିପାରିବି।



**–ଆୟୁଷ୍ମାନ ମହାନ୍ତି**

କ୍ଲାସ୍-୭, ଷ୍ଟୁଆର୍ଟ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର

### ଭଲ ମାର୍କ ରହିବ

ଏଥର ପରୀକ୍ଷାରେ ଯଦି ଭଲ ନମ୍ବର ଆସିବ ତା'ହେଲେ ମୋର ନୂଆ ବ୍ୟାଗ ଓ ଜୋତା କିଣା ହେବ ବୋଲି ମାମା କହିଛି। ତେଣୁ ରେଜଲ୍ଟ ବାହାରିବା ଦିନକୁ ମୁଁ ଅପେକ୍ଷା କରିଛି। ମୋର ଯେତିକି ମାର୍କ ରହିବ ମାମାର ଯଦି ପସନ୍ଦ ହେବ ତା'ହେଲେ ମୁଁ ଖୁସି ହେଇଯିବି। ପରୀକ୍ଷାରେ ତ ମୁଁ ଭଲ କରିଛି। ତେଣୁ ଭଲ ମାର୍କ ରହିବ ବୋଲି ଭାବୁଛି। ଆର ବର୍ଷ ବି ମୁଁ ଭଲ ମାର୍କ ରଖି କ୍ଲାସ୍‌ରେ ତୃତୀୟ ସ୍ଥାନରେ ରହିଥିଲି। ଏଥର କ'ଣ ହେବ ଆଉ ଅଳ୍ପ ଦିନ ପରେ ଜଣା ପଡ଼ିଯିବ।



**–ସ୍ୱୟଂସିଦ୍ଧି ରାଉତ**

କ୍ଲାସ୍- ୪, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର

### ପୁରୁଣା ପାଠ ପଢୁଛି

ରେଜଲ୍ଟ ବାହାରିବା ପରେ ମୋର ଚତୁର୍ଥ ଶ୍ରେଣୀ ହେଇଯିବ। ଏଥର ନୂଆ ପାଠ ପଢ଼ିବାକୁ ହେବ। ହେଲେ ସ୍କୁଲ ଛୁଟି ଥିବାରୁ ମାମା ମତେ ପୁଣି ଥରେ ସେହି ସବୁ ପାଠ ପଢିବାକୁ କହୁଛି। ବିଶେଷକରି ସବୁବେଳେ ବିଭିନ୍ନ ପ୍ରକାରର ଗଣିତ କରିବାକୁ ଦଉଛି। ପରୀକ୍ଷା ସରିଯାଇଛି କହିଲେ ବି ସିଏ କହୁଛି ପାଠ ସବୁ ଜାଣିବା ଦରକାର। ସେଇ ପାଠ ସବୁ ଏବର୍ଷ ବି ଦରକାର ହେବ। ସେଥିପାଇଁ ପରୀକ୍ଷା ସରିବା ପରେ ବି ମତେ ଏବେ ଘରେ ସନ୍ଧ୍ୟାବେଳେ ପାଠ ପଢ଼ିବାକୁ ପଡୁଛି।



**– ଅଂଶିତା ସାମଲ,** କ୍ଲାସ୍-୩, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାଲକାନଗିରି

### ବେଶି ଭାବୁନି


ଆଉ ଅଳ୍ପ ଦିନ ପରେ ତ ରେଜଲ୍ଟ ବାହାରିବ। କାହାର କେତେ ମାର୍କ ଜଣାପଡିଯିବ। କ'ଣ କେତେ ମାର୍କ ରହିବ ସେନେଇ ମୁଁ ଏତେ ବେଶି ଭାବୁନି। ପରୀକ୍ଷା ପୂର୍ବରୁ ମାମା ସବୁବେଳେ ପଢ଼ିବାକୁ କହୁଥିଲା। ହେଲେ କମ୍ ମାର୍କ ରହିଲେ ସିଏ ଗାଳି ଦିଏନି। ମତେ କାଲେ ଖରାପ ଲାଗିବ ସେଥିପାଇଁ ସିଏ ସବୁଥର ମତେ ମନ ଦୁଃଖ ନ କରିବାକୁ କହେ। ହେଲେ ଆଗକୁ ଅଧିକ ପରିଶ୍ରମ କଲେ ଭଲ ମାର୍କ ରହିବ ବୋଲି କୁହେ। ତେଣୁ ସେମିତି ବେଶି ଚିନ୍ତା କରୁନି। ଯେଉଁ ବିଷୟରେ କମ୍ ମାର୍କ ରହିବ ସେଥିରେ ଅଧିକ ପରିଶ୍ରମ କରିବି।



**– ବିଧୁଭୂଷଣ ସାମଲ,** କ୍ଲାସ୍- ୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରପଦା, ଯାଜପୁର

# ପ୍ରିୟ କାର୍ଟୁନ୍

## ମିକି ମାଉସ୍



ୱାଲ୍ଟ ଡିଜ୍‌ନୀ କମ୍ପାନୀ ଦ୍ୱାରା ୧୯୨୮ ମସିହା ନଭେମ୍ବର ୧୮ରେ ଷ୍ଟିମ୍‌ବୋଟ୍ ୱିଲୀ ନାମକ ଶର୍ଟ ଆନିମେଶନ୍ ଫିଲ୍ମରେ ମିକି ମାଉସ୍ ପ୍ରଥମ ଥର ଲୋକ ଲୋଚନକୁ ଆସିଥିଲା । ସେବେଠୁ ନଭେମ୍ବର ୧୮ତାରିଖକୁ ମିକି ମାଉସ୍‌ର ଜନ୍ମଦିନ ଭାବେ ପାଳନ କରାଯାଇ ଆସୁଅଛି । ପ୍ରଥମେ ଏହାର ନାଁ ଥିଲା ମୋର୍ଟିମର ମାଉସ୍ । ଡିଜ୍‌ନୀ କମ୍ପାନୀର ନିର୍ମାତା ୱାଲଟ୍ ଡିଜ୍‌ନିଙ୍କ ପତ୍ନୀ ଲିଲିଆନଙ୍କ ଅନୁରୋଧ କ୍ରମେ ଏହି ନାମ ପରିବର୍ତ୍ତନ କରି ମିକି ମାଉସ୍ ରଖାଗଲା । ଯାହାକି ସାରା ବିଶ୍ୱରେ ବେଶ୍ ଲୋକପ୍ରିୟତା ହାସଲ କରିପାରିଲା । ଜାଣିଲେ ଆଶ୍ଚର୍ଯ୍ୟ ହେବେ କମ୍ପାନୀର ମାଲିକ ୱାଲ୍ଟ ଡିଜ୍‌ନୀ ୧୯୪୬ ପର୍ଯ୍ୟନ୍ତ ନିଜେ ମିକି ମାଉସ୍ ପାଇଁ ଭଏସ୍ ଦେଉଥିଲେ ।

# ବିସ୍ମୟ ବାଳକ ଅଦ୍ୱୈତ

### ଶିଶୁ ପ୍ରତିଭା





ପ୍ରତିଭା ବୟସକୁ ଅପେକ୍ଷା କରେ ନାହିଁ, ଏହି କଥାକୁ ପ୍ରମାଣ କରି ଦେଖାଇଛନ୍ତି ଭୁବନେଶ୍ୱର ପଟିଆରେ ରହୁଥିବା ସ୍ନେହା ଦାସ ଏବଂ ଅରବିନ୍ଦ ପରିଡ଼ାଙ୍କ ପୁଅ ଅଦ୍ୱୈତ ଶ୍ରେୟାନ ପରିଡ଼ା । ମାତ୍ର ୩ ବର୍ଷ ୧୦ ମାସ ବୟସରେ ନିଜର ଅସାଧାରଣ ସ୍ମୃତିଶକ୍ତି ଓ ବହୁମୁଖୀ ପ୍ରତିଭା ବଳରେ ସେ ୪ଟି ଜାତୀୟ ଏବଂ ଅନ୍ତର୍ଜାତୀୟ ରେକର୍ଡ କରି ସାରିଛନ୍ତି ।

ସେ ମାତ୍ର ୨ ମିନିଟ୍ ୫୦ ସେକେଣ୍ଡ ମଧ୍ୟରେ ବିଶ୍ୱର ୨୦୦ଟି ଦେଶର ପତାକାର ନାମ ସଠିକ ଭାବେ କହି ଉଭୟ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ଏବଂ ଇଣ୍ଟରନାଶନାଲ୍ ବୁକ୍ ଅଫ୍ ରେକର୍ଡ୍ସରେ ନିଜ ନାମ ସ୍ଥାନିତ କରିଛନ୍ତି । ଏହା ପୂର୍ବରୁ, ମାତ୍ର ୧ ବର୍ଷ ୩ ମାସ ବୟସରେ ନିଜର ଅସାଧାରଣ ସ୍ମୃତିଶକ୍ତି ପାଇଁ ଲିଙ୍କନ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ଏବଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ୨୫ଟି ବିଭିନ୍ନ ବର୍ଗରେ ସଫଳତା ଅର୍ଜନ କରି ସମସ୍ତଙ୍କୁ ବିସ୍ମିତ କରିଥିଲେ । କେବଳ ପତାକା ଚିହ୍ନଟ କରିବା ନୁହେଁ ସେଗୁଡିକର ଚିତ୍ର ଆଙ୍କିବା, ଭାରତ ଓ ବିଶ୍ୱ ମାନଚିତ୍ର ପଜଲ ସମାଧାନ କରିବା ଇତ୍ୟାଦିରେ ମଧ୍ୟ ସେ ପାରଙ୍ଗମ । ଏହା ବ୍ୟତୀତ ସାଧାରଣ ଜ୍ଞାନରେ ଅହେତୁକ ରୁଚି ସହ ଅଦ୍ୱୈତ ବିଭିନ୍ନ ସଂସ୍କୃତ ମନ୍ତ୍ର ଓ ଶ୍ଳୋକ କଣ୍ଠସ୍ଥ କରିଛନ୍ତି । ସେ ଅନେକ ଓଡ଼ିଆ ଓ ହିନ୍ଦୀ ଗୀତ ମଧ୍ୟ ଖୁବ୍ ସୁନ୍ଦର ଭାବେ ଗାଇ ସମସ୍ତଙ୍କ ମନୋରଞ୍ଜନ କରନ୍ତି । ଏହି କୁନି ବୟସରେ ଖେଳିବା, ପାଠ ପଢିବା ସହ ନୂଆ ନୂଆ କଥା ଶିଖିବା, ଗପଶୁଣିବା, ଗୀତ ଗାଇବା, ଚିତ୍ର ଆଙ୍କିବା ଇତ୍ୟାଦିରେ ରୁଚି ରଖୁଥିବା ଅଦ୍ୱୈତ ଆଗକୁ ଆହୁରି ବିଭିନ୍ନ ଦିଗରେ ବିଶ୍ୱ ରେକର୍ଡ କରିବାକୁ ଲକ୍ଷ୍ୟ ରଖିଥିବା ତାଙ୍କ ଅଭିଭାବକ ପ୍ରକାଶ କରିଛନ୍ତି ।

# ପାର୍ଥକ୍ୟ ଦର୍ଶାଅ



# ପେପର କ୍ରାଫ୍ଟ

## କାଗଜ ପ୍ରଜାପତି

ପିଲାମାନେ ତୁମକୁ କାଗଜରେ ବିଭିନ୍ନ କଳାକୃତି କରିବାକୁ ଭଲ ଲାଗେ ନା ! ତା'ହେଲେ ଆସ କାଗଜରେ ପ୍ରଜାପତି କିପରି ସହଜରେ ପ୍ରସ୍ତୁତ ହେବ ଶିଖିବା।



**ଆବଶ୍ୟକ ସାମଗ୍ରୀ**

ନିଜ ପସନ୍ଦର ରଙ୍ଗିନ କାଗଜ(ଅରିଗାମି ପେପର), କଇଁଚି, ସୂତା, ଅଠା ।

**ପ୍ରସ୍ତୁତି ପ୍ରଣାଳୀ**


- ୧୫ସେମି ଲମ୍ବା ଏବଂ ଚଉଡା ଥିବା ଏକ ବର୍ଗାକାର କାଗଜ ନିଅନ୍ତୁ। ଏହାକୁ ଅଧ ଇଞ୍ଚ ଲେଖାଏଁ ଆଗକୁ ଏବଂ ପଛକୁ ମୋଡନ୍ତୁ। ଯେପରି ତାହା କୁଞ୍ଚ ଭଳି ହୋଇଯିବ । ଅଧିକ ସହଜ ହେବା ପାଇଁ ପେପର ଉପରେ ଏକ ପ୍ରଜାପତି ଆକୃତି ଆଙ୍କି ଏହାକୁ କାଟି ଦିଅନ୍ତୁ ଏବଂ ତା' ପରେ ମୋଡି ପାରିବେ ।
- ମୋଡାଯାଇଥିବା କାଗଜକୁ ଧରି ଅଧାରୁ ଭାଙ୍ଗନ୍ତୁ ଯେପରି ଇଂଲିଶ ଅକ୍ଷର V ପରି ଦେଖାଯିବ । ମଝିରେ ହୋଇଥିବା ଭାଙ୍ଗରେ ସୂତା ବାନ୍ଧି ଦିଅନ୍ତୁ କିମ୍ବା ଅଠା ଲଗାଇ ଚାପି ଦିଅନ୍ତୁ।
- ବର୍ତ୍ତମାନ କାଗଜର କୁଞ୍ଚକୁ ଉଭୟ ପାର୍ଶ୍ୱରୁ ଧୀରେ ଧୀରେ ଖୋଲନ୍ତୁ ଦେଖିବେ ପ୍ରଜାପତିର ଡେଣା ଖୁବ୍ ସୁନ୍ଦର ଭାବେ ପ୍ରସ୍ତୁତ ହୋଇଯିବ ।
- ଯଦି ପୂର୍ବରୁ ପ୍ରଜାପତି ଆକାରରେ ନ କାଟି ବର୍ଗାକାର ପେପରରେ ପ୍ରସ୍ତୁତ କରୁଥାଆନ୍ତି ତେବେ ବର୍ତ୍ତମାନ କଇଁଚି ସାହାଯ୍ୟରେ ଡେଣାର ଉଭୟପାର୍ଶ୍ୱକୁ ଗୋଲାକାର ଆକାରରେ କାଟିଦିଅନ୍ତୁ । ପ୍ରସ୍ତୁତ ହୋଇଯିବ ଏକ ସୁନ୍ଦର କାଗଜ ପ୍ରଜାପତି । ଅଧିକ ଆକର୍ଷଣୀୟ କରିବା ଲାଗି ସ୍କେଚ୍ ପେନ୍, ଗ୍ଲିଟର, ବିନ୍ଦ୍ଵ ଆଦି ଲଗାଇ ଏହାକୁ ସଜାଇ ପାରିବେ ।


















# ମ୍ୟାଥ୍ ପଜଲ୍





# ବକ୍ସି ଜଗବନ୍ଧୁ



- ପୂରାନାମ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ ।
- ୧୮୪୭ରେ ହୋଇଥିବା ଖୋର୍ଦ୍ଧା ପାଇକ ବିଦ୍ରୋହର ନେତା ।
- ସେ ରୋଡଗଡର ଜମିଦାର ଥିଲେ ଓ ଖୋର୍ଦ୍ଧା ରାଜାଙ୍କ ସେନାପତିଭାବେ ତାଙ୍କୁ ଚୟନ କରାଯାଇଥିଲା ।
- ଇଂରେଜମାନଙ୍କ ଦ୍ୱାରା ଲଗାଯାଇଥିବା ଅତ୍ୟଧିକ କର ବ୍ୟବସ୍ଥା ଓ ଟିକସମୁକ୍ତ ଜମିର ଅବୈଧ ଜବରଦଖଲକୁ ସେ ବିରୋଧ କରି ସ୍ୱର ଉଠାଇଥିଲେ ।
- କୃଷ୍ଣ ସିଂହ ନାମରେ ଜଣେ ବ୍ୟକ୍ତି ତାଙ୍କ ବିରୋଧରେ ଷଡଯନ୍ତ୍ର କରି ତାଙ୍କର ସମସ୍ତ ଜମିଜମା ସମ୍ପତ୍ତିକୁ ହଡପ କରିଥିଲେ । ଏଥିପାଇଁ ସେ ବିପ୍ଳବ ଆରମ୍ଭ କରିଥିଲେ ।

**ସୂଚନା** ଏହି ପୃଷ୍ଠାରେ ଦିଆଯାଇଥିବା ପାର୍ଥକ୍ୟ ଦର୍ଶାଅ ଏବଂ ମ୍ୟାଥ୍ ପଜଲ୍‌ର ଉତ୍ତର ଲେଖି ଆମ ପାଖକୁ ପଠାନ୍ତୁ । ଠିକ୍ ଉତ୍ତର ଦେଇଥିବା ବିଜେତାଙ୍କ ନାମ, ଠିକଣା ସହିତ ଫଟୋ ଆଗାମୀ ସପ୍ତାହରେ ପ୍ରକାଶ ପାଇବ । ଆମ ଠିକଣା– dharitrifeature@gmail.com

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# କୁରାଢ଼ି ଫୋପଡ଼ା ପ୍ରତିଯୋଗିତା



ବେଳେବେଳେ କିଛି ଅଜବ କାମ କରିବାକୁ ଭଲପାଆନ୍ତି କେତେକ। ଠିକ୍ ଏମିତି ଏକ କାମ କରିଛନ୍ତି ଆମେରିକାର ଜେସି ରୁଡ୍। ସେ ଏକ କୁରାଢି ଫିଙ୍ଗି ରେକର୍ଡ କରିଛନ୍ତି। ଆଶ୍ଚର୍ଯ୍ୟଜନକ ଭାବେ ସେ କୁରାଢ଼ୀଟିକୁ ୬୭ ମିଟର ଦୂରକୁ ଫିଙ୍ଗି ପାରିଛନ୍ତି। ଏତେ ଦୂରକୁ ଫିଙ୍ଗି ପାରିଥିବାରୁ ତାଙ୍କ ନାଁ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ଏଭଳି ଏକ ଅଜବ କାମରେ ରେକର୍ଡ କରିବା ନିମନ୍ତେ ସେ ବହୁ ବର୍ଷ ପୂର୍ବରୁ ଅଭ୍ୟାସ ଚଳାଇଥିଲେ। ୨୦୨୨ରେ ମଧ୍ୟ ସେ ଏଭଳି କିଛି କରିଥିଲେ। ସେତେବେଳେ ସେ ୨୭.୨୦ ମିଟର ଦୂରକୁ ଫିଙ୍ଗି ପାରିଥିଲେ। କିନ୍ତୁ ଏଥର ଏତେ ଦୂରକୁ ଫିଙ୍ଗି ସବୁ ରେକର୍ଡ ଭାଙ୍ଗି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ଗତ ଫେବୃଆରୀରେ ଜେସି ତାଙ୍କର ଏହି ଦକ୍ଷତା ପ୍ରଦର୍ଶନ କରିଥିଲେ। ଏହା ପୂର୍ବରୁ ୨୦୨୩ ମସିହାରେ ଇଟାଲୀର ସିମୋନ୍ ଫ୍ରେଡି ୪୦.୧୦ ମିଟର, ୨୦୨୪ରେ ଆମେରିକାର ୱିଲିଅମ୍ ହଲ୍‌ମେ ୫୪.୮୬୪ ମିଟର ଦୂରକୁ ଫିଙ୍ଗି ରେକର୍ଡ କରିଥିଲେ।

## ଏଥରର

- ଇଂରେଜମାନେ ପ୍ରଥମେ କେବେ ଭାରତକୁ ଆସିଥିଲେ ?
- ଭାରତରେ ଇଂରେଜମାନଙ୍କର ଶାସନ କେତେବର୍ଷ ଯାଏ ରହିଥିଲା ?
- ଭାରତୀୟ ଜାତୀୟ ପତାକା ଅନ୍ୟ କେଉଁ ନାଁରେ ପରିଚିତ ?
- ଜେମ୍‌ସ ବଣ୍ଡର କୋଡ୍ ନାମ ?
- ରାଜ୍ୟ ସଭାର ସଦସ୍ୟ ସଂଖ୍ୟା କେତେ ?

## ଗତଥରର ଉତ୍ତର

- ୱିଲିୟମ୍ ସେକସ୍ପିୟର
- ଏଫ୍‌ଇ (Fe)
- ଜେ.କେ. ରୋଲିଂ
- ନରୱେ
- ନିଲ୍ ଆର୍ମଷ୍ଟ୍ରଙ୍ଗ୍



## କବିତା



### କୋଇଲି ଗାଉଛି ଗୀତ

ଆଲୋ ସଙ୍ଗାତ ଆଲୋ ମିତ
ଶୁଣିବା କୋଇଲି ଗାଉଛି ଗୀତ,
ଯିଏ ଶୁଣେ ସିଏ ହୁଏ ମୋହିତ
ତା' ଗୀତରେ ଅଛି କି ଯାଦୁ ସତ।
ଶୁଣି ତା' କାକଳି ବସନ୍ତ ପ୍ରୀତ
ତେଣୁ ବସନ୍ତରେ ସେ ଗାଏ ଗୀତ,
ପକ୍ଷୀ କୁଳେ ମିଠା ସୁର ଯେ ତା'ର
ସତେ ସେ ପାଇଛି ଈଶ୍ୱର ବର।
ବସନ୍ତ ଋତୁରେ ସିଏ ଆସଇ
ବୃକ୍ଷଲତା ଡାଳେ ଲୁଚି ବସଇ,
କୁହୁ କୁହୁ ତାନେ ଦେଲେ ସେ ଗାଇ
କେଉଁଠି ଗାଉଛି ଦେବା ଅନେଇ।
ପବନରେ ତାହା ଆସଇ ଭାସି
ଅଟକି ବାଟୋଇ କାନାଏ ବସି,
ପହଞ୍ଚିବା ଯାଇ ଆମେ ତା' ପାଖେ
ବୁଝିବା ଏ ସୁର କେଉଁଠୁ ଶିଖେ।
ପକ୍ଷୀ ହୋଇ ଦିଏ ମଧୁର ସୁର
ଶିଖିଲେ ଏଗୁଣ ଭଲ ଆମର,
କର୍କଶଠୁ ଯଦି ରହିବା ଦୂର
ସବୁଠି ବଢ଼ିବ ଆମ ଆଦର।

**– ଦୀନବନ୍ଧୁ ପୋଇ**
ମୋ: ୯୯୩୮୦୨୪୧୨

### ଦୁହିତା

ଦୁଇକୁଳର ସେ ହିତ କରେ
ବୋଲି ନାମ ତା'ର ଅଟେ ଦୁହିତା,
ମାତା, ଭଗ୍ନୀ, କନ୍ୟା ରୂପ ତା'ର
ଯତ୍ନେ ଗଢ଼ିଛନ୍ତି ବିଧାତା।
ଲକ୍ଷ୍ମୀ, ସରସ୍ୱତୀ, ପାର୍ବତୀ, ତ୍ରିଦେବୀ
ଅଂଶର ଶକ୍ତିରେ ସମ୍ଭୂତା,
ନିଜ ପ୍ରତିଭାର ପରିଚୟେ ସୃଷ୍ଟି
ଯୁଗ ଯୁଗ ଧରି ବନ୍ଦିତା।
ଲକ୍ଷ୍ମୀବାଈ, ଦୁର୍ଗାବତୀ, ଶୁକଦେଈ
ବୀରାଙ୍ଗନା ରୂପ ଦେଖାଇ,
ଲୋପାମୁଦ୍ରା, ଗାର୍ଗୀ,
ଭାନୁମତୀ ରାଣୀ
ବିଦୂଷୀ ପଣେ ଗଣା ହୋଇ।
କଳ୍ପନା ଚାୱଲା, ହେଲେନ କେଲର
ଇନ୍ଦିରା, ନନ୍ଦିନୀ, ଦ୍ରୌପଦୀ,
ନିଜ ଦକ୍ଷତାରେ ଶ୍ରେଷ୍ଠ ଆସନରେ
ନାରୀ ପାଇଁ ଗର୍ବ ଆଣନ୍ତି।
ପାଶ୍ଚାତ୍ୟ ସଭ୍ୟତା ଆଦରି ନଅନି
ବସନ ଭୂଷଣେ ସଜ୍ଜିତ,
ନିଜ ମାନ ନିଜେ ରକ୍ଷାକର କନ୍ୟା
ହୁଅ ନାହିଁ ଆଉ ବେଜ୍ଜିତ।
ପିତା, ମାତା, ଗୁରୁଜନ କଥାମାନି
ଚରିତ୍ରକୁ କର ଉତ୍ତମ,
ସୁନା ଝିଅଟିଏ ନିଶ୍ଚେ ହେବ ଦିନେ
ସୁଖରେ କଟିବ ଜୀବନ।

**– ସାଇସ୍ମୃତି ପଟ୍ଟନାୟକ**
କ୍ଲାସ୍– ୯, ଶିଶୁ ବିକାଶ ବିଦ୍ୟାମନ୍ଦିର, ଡୁମୁଡୁମା, ଭୁବନେଶ୍ୱର

### ହେବାକୁ ଭଲ ମଣିଷ



ଆହେ ରାଜୀବ ଲୋଚନ ଶ୍ରୀରାମ
ଘେନ ମୋର ଭକ୍ତିପୂତ ପ୍ରଣାମ,
ପାବନଭୂଇଁ ଅଯୋଧ୍ୟା ନଗରୀ
ଧନ୍ୟ କରିଲ ପ୍ରଭୁ ଅବତରୀ।
ରାମ ନାମ ଜପି ରାତ୍ର ଦିବସ
ଦସ୍ୟୁ ଲଭିଲା ତୁମରି ଆଶିଷ,
ଦସ୍ୟୁ ରତ୍ନାକରୁ ହେଲେ ବାଲ୍ମୀକି
ଗ୍ରନ୍ଥ ରାମାୟଣ ଥିଲେ ସେ ଲେଖି।
ଲଭି ତୁଳସୀ ତୁମରି କରୁଣା
ରାମଚରିତ କଲେ ସେ ରଚନା,
ରାମ ତାରକ ମନ୍ତ୍ର ଜପ ବଳେ
କବି ସମ୍ରାଟ ଉପଇନ୍ଦ୍ର ହେଲେ।
ପାଦେ ମଥା ପାତି କରେ ମିନତି
ଭରିଦିଅ ମନେ ମୋର ଭକତି,
ଦିଅ ମୋତେ ପ୍ରଭୁ ତୁମ ଆଶିଷ
ହେବାକୁ ମୁଁ ଜଣେ ଭଲ ମଣିଷ।

**– ରାଜ କିଶୋର ସ୍ୱାଇଁ**
ମୋ: ୯୪୩୭୪୪୨୦୪୧

## କହିଲ ଦେଖି



ପଟା ଉପରେ ଲୁହା ଧାରକୁ
ରଖି ଦେଇ ବଢ଼େଇ
ପନିପରିବାକୁ କାଟିବା ପାଇଁ
ଦେଲା ତାକୁ ଗଢ଼େଇ।
ପ୍ରତି ଘରେ ରାତି ପାହିଲେ
ଦରକାର ପଡ଼ଇ
ପରିବାସବୁ ଦେବି ନିଶ୍ଚୟ
ଯିଏ ପାରିବ ତା ନାମଟି କହି।

ଉ.– ପନିକି



ତତଲା କଡ଼େଇ ତତଲା ପଲମ
ଧରିବାକୁ ସିଏ ଲୋଡ଼ା,
ନ ଧରିଲେ ପିଲେ ଜାଣିଥାଅ ନିଶ୍ଚେ
ହେବ ସିଏ ଦରପୋଡ଼ା
କହିଦେବ ଯିଏ ନାମଟି ତାହାର
ଦେବି ତାକୁ ଦୁଇ ଘୋଡ଼ା।

ଉ.– ସଣ୍ଡୁଆଶି



ସିଲିଣ୍ଡର ପରି ଦେହଟି ତାହାର
ରୋଷେଇରେ ଦରକାର,
ଚୁଲି ଲିଭୁଥିଲେ ଫୁଙ୍କି ଦେଲେ ଧରି
ଜଳେ ପୁଣି ତରତର,
ନାମଟି ତାହାର ଜାଣିଛ ଯଦି
କହିଦିଅ ଏକବାର !

ଉ. – ଫୁଙ୍କନଳୀ

**– ପ୍ରଶାନ୍ତ କୁମାର ସାହୁ**
ଇନ୍ଦିପୁର, ଚନ୍ଦନ ମଣ୍ଡପ ସାହି, ଢେଙ୍କାନାଳ
ମୋ: ୯୭୭୭୦୯୦୦୫୬







# ଛତାଧରି ସାଇକେଲ୍ ଚଳାଇବା ଅପରାଧ

ଜାପାନରେ ସାଇକେଲ ଚଳାଇବା ସାଧାରଣ କଥା । ଏଠାରେ ବହୁଳ ଭାବରେ ସାଇକେଲ ବ୍ୟବହାର ହୋଇଥାଏ। ଉକ୍ତ ଦେଶରେ ପ୍ରତିଦିନ ଲକ୍ଷାଧିକ ଲୋକ ସାଇକେଲ୍ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଏଠି ସାଇକେଲ୍ ଚଳାଇବାକୁ ନେଇ ଅନେକ ନିୟମ ରହିଛି। ଯେମିତିକି ଯଦି ଆପଣ ସାଇକେଲ୍ ଚଳାଉଛନ୍ତି ତେବେ ଛତା ଧରିପାରିବେ ନାହିଁ। ଏହାକୁ ଆଇନ୍ ବିରୁଦ୍ଧ ବୋଲି ଧରି ନିଆଯିବ। ଏପରି ହେବାର କାରଣ ସାଇକେଲ୍ ଚଳାଇବା ସମୟରେ ଗୋଟେ ହାତରେ ହ୍ୟାଣ୍ଡେଲ ଏବଂ ଅନ୍ୟ ହାତରେ ଛତା ଧରିବା ଏକ ବିପଦ ସଙ୍କୁଳ ଅବସ୍ଥା। ଏହି ସମୟରେ ହ୍ୟାଣ୍ଡେଲ ଉପରେ ଏତେଟା ନିୟନ୍ତ୍ରଣ ରହି ନ ଥାଏ, ଯାହାଫଳରେ ରାସ୍ତାରେ ଦୁର୍ଘଟଣା ହେବାର ଆଶଙ୍କା ସୃଷ୍ଟି ହୁଏ। ଜାପାନର ରୋଡ୍ ଟ୍ରାଫିକ୍ ଆକ୍ଟ ଅନୁଯାୟୀ ଯଦି ଜଣେ ବ୍ୟକ୍ତି ଛତା ଧରି ସାଇକେଲ୍ ଚଳାଉଛନ୍ତି ତେବେ ତାଙ୍କୁ ୨୮୦୦ଟଙ୍କା ଜରିମାନା ଦେବାକୁ ପଡିବ। ସୁରକ୍ଷା ଦୃଷ୍ଟିରୁ ଦେଖିବାକୁ ଗଲେ ସାମ୍ନା ପଟରୁ ଆସୁଥିବା ଗାଡି ସହଜରେ ଦୃଶ୍ୟମାନ ହୋଇ ନଥାଏ। ଫଳରେ ଚାଳକଙ୍କୁ ଅଚାନକ ବ୍ରେକ୍ ଲଗାଇବା ଲାଗି ଅସୁବିଧା ହୋଇଥାଏ। ଏଥିସହ ସାଇକେଲ ଚଳାଇବା ସମୟରେ ଯଦି ସ୍ମାର୍ଟଫୋନ୍ ଏବଂ ଇୟରଫୋନ୍ ବ୍ୟବହାର କରୁଥାନ୍ତି ତେବେ ଏଥିପାଇଁ ମଧ୍ୟ ଜରିମାନା ଦେବାକୁ ପଡିଥାଏ।



# ତାଜ୍‌ମହଲରେ ରାତିରେ ଲାଇଟ୍ ମନା

ବିଶ୍ୱର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ସ୍ଥାନ ପାଇଛି ଆମ ଦେଶର ଅନ୍ୟତମ ପ୍ରାଚୀନ କୀର୍ତ୍ତିରାଜୀ ତାଜମହଲ। କିନ୍ତୁ ପିଲାମାନେ ତମେ ଜାଣିଛ କି ଏଠାରେ ରାତିରେ ଲାଇଟ୍ ଜଳି ନ ଥାଏ। ୧୯୯୭ ମସିହାରୁ ଏହି କଟକଣା ଲଗାଯାଇଛି। ପଥର ଖରାପ ହେବାର ଆଶଙ୍କା ଓ ସୁରକ୍ଷା ଦୃଷ୍ଟି କୋଣରୁ ଏହାକୁ ଅନ୍ଧାର ମଧ୍ୟରେ ରଖାଯାଇଥାଏ। ତାଜ୍‌ମହଲ ନିଜର ସୁନ୍ଦରତା ଲାଗି କେବଳ ଭାରତ ନୁହେଁ ବିଶ୍ୱରେ ମଧ୍ୟ ପ୍ରସିଦ୍ଧ। ଆମ ଦେଶର ଅନ୍ୟ ସବୁ ଐତିହାସିକ ସ୍ଥଳଗୁଡିକରେ ରଙ୍ଗ ବେରଙ୍ଗର ଲାଇଟ୍ ସଜ୍ଜା ହେଉଥିବା ବେଳେ ତାଜ୍‌ମହଲରେ ଏହାର ବିପରୀତ ଦେଖିବାକୁ ମିଳେ। ଯମୁନା ନଦୀ କୂଳରେ ଅବସ୍ଥିତ ଏହି ଐତିହାସିକ ସ୍ଥଳଟିରେ ରାତିରେ ଆଲୋକ ନ ଜଳାଇବାର ଏକ ପ୍ରମୁଖ କାରଣ ରହିଛି। ତାଜମହଲ ଧଳା ରଙ୍ଗର ଶଙ୍ଖମଲମଲ ମାର୍ବଲ ପଥରରେ ନିର୍ମିତ। ଏହି ପଥର ଆଲୋକକୁ ବହୁତ ଶୀଘ୍ର ରିଫ୍ଲେକ୍ଟ କରିଥାଏ। ଯଦି ରାତିରେ ଲାଇଟ୍ ଜଳାଯିବ ତେବେ ଆଖପାଖରେ ଥିବା ପୋକଗୁଡିକ ଆଲୋକ ପ୍ରତି ଅଧିକ ଆକର୍ଷିତ ହେବେ। ଏହି ପୋକମାନେ ତାଜ୍‌ମହଲ ଉପରେ ବସଲେ ସେଠାରେ ମଳମୂତ୍ର ତ୍ୟାଗ କରିବା ଦ୍ୱାରା ସେଥିରେ ଥିବା ଏସିଡିକ୍ ବା ଅମ୍ଳୀୟ ଉପାଦାନ ମାର୍ବଲକୁ ନଷ୍ଟ କରିଦେବ। ଯାହା ଫଳରେ ତାଜମହଲର ସୁନ୍ଦରତା ନଷ୍ଟ ହୋଇଯିବ। ଏହି କାରଣରୁ ଏଠାରେ ରାତିରେ ଆଲୋକ ଜଳାଯାଇ ନ ଥାଏ।



# ପର୍ସିଆନ୍ ଗଲ୍ଫ ହଟ୍ ୱାଟର

ପର୍ସିଆନ୍ ଗଲ୍ଫ ହେଉଛି ବିଶ୍ୱର ସବୁଠାରୁ ଉତ୍ତପ୍ତ ସମୁଦ୍ର। ଗ୍ରୀଷ୍ମ ଋତୁରେ ଏହାର ପାଣିର ସର୍ବନିମ୍ନ ତାପମାତ୍ରା ପ୍ରାୟ ୩୫ ଡିଗ୍ରୀ। ଉକ୍ତ ସମୁଦ୍ରର ପାଣି ଏତେ ଉତ୍ତପ୍ତ ହେବା ପଛରେ ଏକ କାରଣ ରହିଛି। ତାହା ହେଲା ଏହାର ଗଭୀରତା ମାତ୍ର ୩୫ ମିଟର। ତେଣୁ ସମୁଦ୍ରର ପାଣି ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସିବାର ଅଳ୍ପ ସମୟ ମଧ୍ୟରେ ଗରମ ହୋଇଯାଏ ଏବଂ ତାପମାତ୍ରା ବଢ଼ି ବଢ଼ି ଚାଲିଥାଏ। ପର୍ସିଆନ ଗଲ୍ଫର ପାଣି ଏତେ ଉତ୍ତପ୍ତ ରହିବାରୁ ଏହା ମଧ୍ୟରେ ଥିବା ସାମୁଦ୍ରିକ ପ୍ରାଣୀ ମଧ୍ୟ ପ୍ରଭାବିତ ହୋଇଥାଆନ୍ତି। ଏହାକୁ ମଧ୍ୟ ଆରବିଆନ୍ ଗଲ୍ଫ କୁହାଯାଏ। ପଶ୍ଚିମ ଏସିଆରେ ଥିବା ଭୂମଧ୍ୟ ସାଗରରେ ଏହା ଅବସ୍ଥିତ। ଏହାର ପାଣି ଏତେ ଗରମ ରହିବା ଯୋଗୁଁ ସେଠାକାର ଜଳବାୟୁ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଥାଏ।


# ତୁମ ତୂଳୀରୁ




୧



୨




୩




୪



୫



୬



୭



୧



**ଆଦ୍ୟାଶା ପାତ୍ର**
କ୍ଲାସ-୫, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର

୨



**ଦୀପ୍ତିମୟୀ ହାଁସଦା**
କ୍ଲାସ-୪, ସରକାରୀ ପ୍ରାଥମିକ ବିଦ୍ୟାଳୟ, ବଡସିଙ୍ଗାରିଆ, ମୟୂରଭଞ୍ଜ

୩



**ଓମ୍ ଆଶୁତୋଷ ସାହୁ**
କ୍ଲାସ- ୧୦, ବିଜେଇଏମ୍ ସ୍କୁଲ-୧, ଭୁବନେଶ୍ୱର

୪



**ରିଶିମା ହଂସିନୀ**
କ୍ଲାସ-୩, ମଦର୍ସ ପବ୍ଲିକ ସ୍କୁଲ, ଖଣ୍ଡଗିରି

୫



**ରୀୟାଂଶ ପଣ୍ଡା**
କ୍ଲାସ- ୬, ନ୍ୟୁ ହରାଇଜନ୍ ଗୁରୁକୁଳ, ବେଙ୍ଗାଲୁରୁ

୬



**ଘନିଶ କୁମାର ବେହେରା**
କ୍ଲାସ- ୧, ପବ୍ଲିକ ସ୍କୁଲ, ଛତ୍ରପୁର, ଗଞ୍ଜାମ

୭



**ଦେବହୂତି ବରଦାଲକ୍ଷ୍ମୀ ରାଉତ**
କ୍ଲାସ-୨, ଦୀପ୍ତି କନଭେଣ୍ଟ ସ୍କୁଲ, ରାୟଗଡ଼ା